# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ମୋରଡା

ବିଜ୍ଞାପନ ସଂଖ୍ୟା: ୫୫୫ | ତାରିଖ: ୨୩-୦୭-୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ମୋରଡା ଅଧିନରେ ୬ ଗୋଟି ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ସମ୍ପୃକ୍ତ ସେବାଞ୍ଚଳର +୨ ଯୋଗ୍ୟତା ସମ୍ପନ୍ନ କେବଳ ଅନୁସୂଚୀତ ଜନଜାତି (ST) ବର୍ଗର ମହିଳା ପ୍ରାର୍ଥୀନୀମାନଙ୍କଠାରୁ ଅନଲାଇନ (Online) ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ପ୍ରାର୍ଥିନୀମାନେ ତାରିଖ ୨୪-୦୭-୨୦୨୬ ଠାରୁ ତାରିଖ ୦୭-୦୮-୨୦୨୬ ମଧ୍ୟରେ ଦରଖାସ୍ତ ଆବେଦନ କରିପାରିବେ । ନିର୍ଦ୍ଧାରିତ ଦିବସ ତଥା ସମୟ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ବିଦ୍ର:

କ) ଆବେଦନ ପତ୍ର କେବଳ ଅନଲାଇନ (Online) ମାଧ୍ୟମରେ ଗ୍ରହଣ କରାଯିବ । ଇଚ୍ଛୁକ ପ୍ରାର୍ଥିନୀମାନେ **website: https://engagment-awc.odisha.gov.in** ରେ ପ୍ରଥମେ ପଞ୍ଜୀକରଣ କରିବେ ଏବଂ Public Login କରି (Using Username and Password) ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରି ତତ୍ ସମ୍ପର୍କିତ ସ୍ୱୀକାରୋକ୍ତି ପାଇପାରିବେ ।

ଖ) ଅଙ୍ଗନୱାଡି କେନ୍ଦ୍ର ଦ୍ୱାରା ପରିଚାଳିତ ଅଞ୍ଚଳରୁ କେବଳ ଅନୁସୂଚିତ ଜନଜାତି ପ୍ରାର୍ଥୀ ଅଙ୍ଗନୱାଡି କର୍ମୀ ଭାବରେ ଚୟନ କରାଯିବ । ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ସେବା ପରିସର ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

ଗ) ଅଙ୍ଗନୱାଡି କର୍ମୀ ଜଣେ ସରକାରୀ କର୍ମଚାରୀ ନୁହନ୍ତି ତେଣୁ ଅଙ୍ଗନୱାଡି କର୍ମୀ ଭବିଷ୍ୟତରେ କୌଣସି ନିୟମିତ ନିଯୁକ୍ତି ଦାବି କରି ପାରିବେ ନାହିଁ ।

ଘ) ନିମ୍ନସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ ଅଙ୍ଗନୱାଡି କର୍ମୀ ଚୟନକୁ ଯେକୌଣସି ମୁହୂର୍ତ୍ତରେ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରିପାରିବେ ମାତ୍ର ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଅଙ୍ଗନୱାଡି କର୍ମୀ ପଦ ପୂରଣ ନିମନ୍ତେ ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ରମାନଙ୍କର ନାମ ନିମ୍ନରେ ଦିଆଗଲା ।

| କ୍ରମିକ ସଂଖ୍ୟା | ଗ୍ରାମପଞ୍ଚାୟତର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ଆବେଦନ କରିବାକୁ ଥିବା ଅଙ୍ଗନୱାଡି/ ଅତିରିକ୍ତ ଅଙ୍ଗନୱାଡିର ନାମ | ମନ୍ତବ୍ୟ |
|---|---|---|---|---|
| ୧ | ଚିତ୍ରଡ଼ା | କାକୁଡିହା | କାକୁଡିହା | ରଘୁନାଥ ମହାନ୍ତ ଘର ନଂ-୧ ଠାରୁ କ୍ଷିତିଶ ଚନ୍ଦ୍ର ମହାନ୍ତ ଘର ନଂ- ୧୪୭ ପର୍ଯ୍ୟନ୍ତ |
| ୨ | କୁଆଳିଭଙ୍ଗା | ମହୁଲବଣୀ | ମହୁଲବଣୀ | ଉତ୍ତମ କୁମାର ମହାନ୍ତ ଘର ନଂ-୧ ଠାରୁ ଓକିଲ ମହାନ୍ତ ଘର ନଂ-୧୪୮ ପର୍ଯ୍ୟନ୍ତ |
| ୩ | ଗଡିଗାଁ | ଗଡିଗାଁ-୧ | ଗଡିଗାଁ-୧ | ପ୍ରସାଦ ମାହାକୁଡ ଘର ନଂ-୧ ଠାରୁ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଘର ନଂ-୧୩୯ ପର୍ଯ୍ୟନ୍ତ |
| | | | ଗଡିଗାଁ-୨ | ଛଇତି ନାଏକ ଘର ନଂ-୧ ଠାରୁ ମଙ୍ଗଳ ନାଏକ ଘର ନଂ-୧୦୧ ପର୍ଯ୍ୟନ୍ତ |
| | | | ଗଡିଗାଁ ସାହି | ବାବୁରାମ ମହାନ୍ତ ଘର ନଂ-୧ ଠାରୁ ଅଞ୍ଜନା ମହାନ୍ତ ଘର ନଂ-୭୮ ପର୍ଯ୍ୟନ୍ତ |
| | | | ଡେଙ୍ଗାଶୋଳ | କ୍ଷୀରମଣି ମହାନ୍ତ ଘର ନଂ-୧ ଠାରୁ ରବୀନ୍ଦ୍ର ଧାଉଣ୍ଡିଆ ଘର ନଂ-୬୩ ପର୍ଯ୍ୟନ୍ତ |
| | | | ହାଣ୍ଡିଭଙ୍ଗା | ନଳିନ ପରମାଣିକ ଘର ନଂ-୧ ଠାରୁ ଜଗନ୍ନାଥ ସୋରେନ ଘର ନଂ-୧୪୧ ପର୍ଯ୍ୟନ୍ତ |
| | | | ମାହାଲି ସାହି | ସୁରେନ୍ଦ୍ର ମାହାଲି ଘର ନଂ-୧ ଠାରୁ ଚମ୍ପା ମୁର୍ମୁ ଘର ନଂ-୬୪ ପର୍ଯ୍ୟନ୍ତ |
| ୪ | ପଳାଶମୁଣ୍ଡଳି | ଟୁକପଳାସିଆ | ଟୁକପଳାସିଆ | ଅନପୂର୍ଣ୍ଣାମହାନ୍ତ ଘର ନଂ-୧ ଠାରୁ ଗଙ୍ଗାଧର ମହାନ୍ତ ଘର ନଂ-୧୬୩ ପର୍ଯ୍ୟନ୍ତ |
| ୫ | ମୋରଡା | ପଳାଶବଧା | ପଳାଶବଧା | ଜନତା ମହାନ୍ତ ଘର ନଂ-୧ ଠାରୁ ରତିକାନ୍ତ ମହାନ୍ତ ଘର ନଂ-୧୧୯ ପର୍ଯ୍ୟନ୍ତ |
| ୬ | ନୁହାଖାଳିଆ | କଉଡିଆ | କଉଡିଆ | ସୁକଦେବ ଭୋଇ ଘର ନଂ-୧ ଠାରୁ ହୀରାମଣି ସି ଘର ନଂ-୧୪୪ ପର୍ଯ୍ୟନ୍ତ |

ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ଅନଲାଇନ ରେ ଆବେଦନ ପତ୍ର ଦାଖଲ କରିବା ପାଇଁ ପ୍ରାର୍ଥିନୀଙ୍କ ଆବଶ୍ୟକୀୟ ଯୋଗ୍ୟତା ଓ ନିୟମାବଳୀ :-

୧. ପ୍ରାର୍ଥିନୀ ଦରଖାସ୍ତ ଆହ୍ୱାନ କରାଯାଉଥିବା ଅଙ୍ଗନୱାଡି କେନ୍ଦ୍ର/ପଡା ଅଞ୍ଚଳରେ ସ୍ଥାୟୀ ବାସିନ୍ଦା ହୋଇଥିବେ ଏବଂ ଅଙ୍ଗନୱାଡି କର୍ମୀ ପାଇଁ ଗ୍ରହଣୀୟ ହେବା ଆବଶ୍ୟକ ।

୨. ପ୍ରାର୍ଥିନୀଙ୍କ ବୟସ ତା: ୦୧. ୦୧. ୨୦୨୬ ରିଖ ସୁଦ୍ଧା ୧୮ ବର୍ଷ ପୂର୍ଣ୍ଣ ହୋଇଥିବ ଏବଂ ୩୫ବର୍ଷରୁ କମ ହୋଇଥିବ ।

୩. ପ୍ରାର୍ଥିନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ +୨ ପାସ ହୋଇଥିବା ଦରକାର । +୨ ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଶତକଡା ହିସାବ କରାଯିବ ଓ ଅତିରିକ୍ତ ପଏଣ୍ଟ ମିଶାଇ ଆବେଦନକାରୀଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜନଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ ଝିଅ ( ଜୈବିକ କିମ୍ବା ଆଇନଗତ ପିତାମାତା ନ ଥିବା) | ୧୦ |
| ୪ | ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ରୁ ଅଧିକ ଭିନ୍ନକ୍ଷମଙ୍କୁ ଶାରୀରିକ ଭିନ୍ନକ୍ଷମ ଭାବରେ ଗ୍ରହଣ କରାଯିବ) | ୫ |
| ୫ | ନିରାଶ୍ରୟ/ ଛାଡପତ୍ରପ୍ରାପ୍ତ/ ପରିତ୍ୟକ୍ତା ମହିଳା | ୫ |
| ୬ | ଯଦି ପ୍ରାର୍ଥିନୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି | ୫ |
| ୭ | ଯଦି ପ୍ରାର୍ଥିନୀ ଅତୀତରେ ସମଗ୍ର ଶିକ୍ଷା/ ଏନ.ପି.ଇ.ଏଲ. ଅଧୀନରେ ଇ.ସି.ସି.ଇ. ୱାର୍କର ଭାବରେ କାର୍ଯ୍ୟ କରିଛନ୍ତି । | ୧୫ ପଏଣ୍ଟ ସର୍ବୋଚ୍ଚ ସୀମା ସହ ବାର୍ଷିକ ୫ ପଏଣ୍ଟ ସେବା ପ୍ରଦାନ |
| ୮ | ଯଦି ପ୍ରାର୍ଥିନୀ ଅତୀତରେ ଗାଁର ବାଲୱାଡି କେନ୍ଦ୍ରରେ ବାଲୱାଡି କର୍ମୀ ଭାବରେ କାର୍ଯ୍ୟ କରିଛନ୍ତି | ୧୫ ପଏଣ୍ଟ ସହିତ ସେବାରେ ବାର୍ଷିକ ୫ ପଏଣ୍ଟ |

୪. ପ୍ରାର୍ଥିନୀ ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ବିଧବା/ ଅନାଥ/ ନିରାଶ୍ରୟ/ ଛାଡପତ୍ରପ୍ରାପ୍ତ/ ପରିତ୍ୟକ୍ତା ମହିଳାଙ୍କୁ ଅତିରିକ୍ତ ପଏଣ୍ଟ ଦିଆଯିବ।

୫. ପ୍ରାର୍ଥିନୀ ଭଲ ଭାବରେ ଓଡିଆ ପଢିବା, ଲେଖିବା ଓ କହିବାକୁ ସକ୍ଷମ ହୋଇଥିବା ଆବଶ୍ୟକ ଏବଂ ତା ସହିତ ନିମ୍ନଲିଖିତ ଯୋଗ୍ୟତା ଆବଶ୍ୟକତା ରହିଛି ।

କ) ସେ ଓଡିଆ ଭାଷାରେ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

କିମ୍ବା

ଖ) ମେଟ୍ରିକ କିମ୍ବା ତତ ସମକକ୍ଷ ଓଡିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

କିମ୍ବା

ଗ) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ କିମ୍ବା ଶିକ୍ଷା ପ୍ରତିଷ୍ଠାନରୁ ସପ୍ତମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓଡିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

କିମ୍ବା

ଘ) ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡିଶା ସରକାରଙ୍କର ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ତରଫରୁ ଆୟୋଜିତ ଓଡିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

* ଉକ୍ତ ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ଓ ସାନ୍ତ୍ୱନା ମୂଳକ ଅଟେ । ଅଙ୍ଗନୱାଡି କର୍ମୀ ଭବିଷ୍ୟତରେ ସ୍ଥାୟୀ ଚାକିରୀ ନିମନ୍ତେ ଦାବି କରିପାରିବେ ନାହିଁ । ସରକାରଙ୍କ ନିୟମ ଅନୁସାରେ ଅଙ୍ଗନୱାଡି କର୍ମୀଙ୍କ ମାସକୁ ସାନ୍ତ୍ୱନା ମୂଳକ ମାନଦେୟ ଟ.୧୦,୦୦୦/- (ଦଶ ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି । ଦରଖାସ୍ତ କରିବା ସମୟରେ ପ୍ରାର୍ଥିନୀ ନିମ୍ନ ଲିଖିତ ପ୍ରମାଣପତ୍ର ଗୁଡିକର ନିଜସ୍ୱ ଆଟେଷ୍ଟେଡ କପି online form ରେ upload କରିବେ ।

୧. ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନିଜସ୍ୱ ଆଟେଷ୍ଟେଡର ଅବିକଳ ନକଲ ।

୨. ମାର୍କସିଟର ଅବିକଳ ନକଲ ।

୩. ବର୍ତ୍ତମାନର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଅବିକଳ ନକଲ (୫ ବର୍ଷ ମଧ୍ୟରେ ହୋଇଥିବ) ।

୪. ଜାତି ପ୍ରମାଣ ପତ୍ର ଅବିକଳ ନକଲ ।

୬. ବିଧବା ହୋଇଥିଲେ ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ରର ଅବିକଳ ନକଲ ।

୭. ଫଟୋ (ବର୍ତ୍ତମାନର) ।

୯. ଅନାଥ କିମ୍ବା ନିରାଶ୍ରୟ ମହିଳା ହୋଇଥିଲେ ତେବେ ସରକାରୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରମାଣପତ୍ର ଆବଶ୍ୟକ ।

୧୦. ଛାଡପତ୍ରପ୍ରାପ୍ତ/ ପରିତ୍ୟକ୍ତା ହୋଇଥିଲେ କୋର୍ଟ ପ୍ରମାଣ ପତ୍ର ଆବଶ୍ୟକ ।

୧୧. ଶାରୀରିକ ଭିନ୍ନକ୍ଷମ ହୋଇଥିଲେ ଶାରୀରିକ ଭିନ୍ନକ୍ଷମ ପ୍ରମାଣପତ୍ର ଆବଶ୍ୟକ ।

୧୨. ପ୍ରାର୍ଥିନୀ ନିଜ ଦରଖାସ୍ତ, ଆଧାର କାର୍ଡ, ବର୍ତ୍ତମାନର ପାସପୋର୍ଟ ଫଟୋଗ୍ରାଫ, ଗୃହର ସର୍ଭେ ନମ୍ବର (ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରରୁ ସଂଗ୍ରହ କରିବେ) ଅନଲାଇନ ଫର୍ମରେ ଅପଲୋଡ କରିବେ । ପ୍ରାର୍ଥିନୀ ଅପଲୋଡ କରିଥିବା ସମସ୍ତ ପ୍ରମାଣପତ୍ରରେ ନିଜେ ଦସ୍ତଖତ କରିଥିବା ଆବଶ୍ୟକ ।

ବିଶେଷ ଦ୍ରଷ୍ଟବ୍ୟ:

୧. ପ୍ରକାଶ ଥାଉକି ସମସ୍ତ ଆବେଦନକାରୀଙ୍କୁ ଜଣାଇ ଦିଆଯାଉଅଛି ଯେ ଆସନ୍ତା ତା. ୧୦-୦୮-୨୦୨୬ ରିଖ ଦିନ ୧୧:୦୦ ଘଟିକା ସମୟରେ ନିଜର ସମସ୍ତ ମୂଳପ୍ରମାଣପତ୍ର ସହିତ Original Certificate/Documents ତଦାରଖ / ଯାଞ୍ଚ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ । ମାତ୍ର ଉକ୍ତ ଦିନ ଅନୁପସ୍ଥିତ ଥିବା ପ୍ରାର୍ଥିନୀମାନଙ୍କର ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

୨. ସାର୍ଟିଫିକେଟ ଯାଞ୍ଚ ଦିନ online ରେ upload ହୋଇ ନ ଥିବା କୌଣସି ସାର୍ଟିଫିକେଟ ଗ୍ରହଣ କରାଯିବ ନାହିଁ ।

୩. ଅଙ୍ଗନୱାଡି କର୍ମୀ ଚୟନ ସରକାରଙ୍କର ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ମେରିଟ ଲିଷ୍ଟ ପ୍ରସ୍ତୁତ କରି Online ମାଧ୍ୟମରେ ନିଯୁକ୍ତି ଦିଆଯାଏ । ଯଦି ଏହି ବାବଦରେ କୌଣସି ବ୍ୟକ୍ତି ଅର୍ଥ କାରବାରରେ ସଂପୃକ୍ତ ରୁହନ୍ତି, ତେବେ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବା ପାଇଁ ଜଣାଇ ଦିଆଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ମୋରଡା

ପରିପତ୍ର ସଂଖ୍ୟା: ୫୫୬ ତା. ୨୩-୦୭-୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ ତଥା ଅଙ୍ଗନୱାଡି କର୍ମୀ ଚୟନ କମିଟି ଅଧ୍ୟକ୍ଷ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ମୟୂରଭଞ୍ଜ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୋରଡା / ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, କିଶାନତାଣ୍ଡି / ବ୍ଲକ ଶିକ୍ଷା ଅଧିକାରୀ, ମୋରଡାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ମୋରଡା

ପରିପତ୍ର ସଂଖ୍ୟା: ୫୫୭ ତା. ୨୩-୦୭-୨୦୨୬

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୋରଡାଙ୍କ ନୋଟିସ ବୋର୍ଡ / ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସଂପୃକ୍ତ ଗ୍ରାମ ପଞ୍ଚାୟତର ନୋଟିସ ବୋର୍ଡ/ ସଂପୃକ୍ତ ଗ୍ରାମକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ମୋରଡା

ପରିପତ୍ର ସଂଖ୍ୟା: ୫୫୮ ତା. ୨୩-୦୭-୨୦୨୬

ସଂପୃକ୍ତ ଅଙ୍ଗନୱାଡି ଦାୟିତ୍ୱ ଥିବା କର୍ମୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ବିଜ୍ଞାପନକୁ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ସେବା ପରିସର ଅଞ୍ଚଳରେ ପ୍ରତି ଘରକୁ ଘର ବୁଲାଇ ସମସ୍ତଙ୍କୁ ଏବିଷୟରେ ଅବଗତ କରାଇବା ସହିତ ଦସ୍ତଖତ ମଧ୍ୟ କରାଇବେ ଏବଂ ଉକ୍ତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତିନି ଦିନ ମଧ୍ୟରେ ଦାଖଲ କରିବେ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ମୋରଡା